# NATIONAL NEWS BULLETIN (ODIA)
## 23 May - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଦେଶର ଉତ୍ତର ପୂର୍ବାଞ୍ଚଳ ଅତୀତର ବିଭିନ୍ନ ଆହ୍ୱାନକୁ ସଫଳତାର ସହ ମୁକାବିଲା କରି ବର୍ତ୍ତମାନ ସୁଯୋଗର ଏକ ନୂତନ ସ୍ଥାନ ରୂପେ ଉଭା ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତା ୨୫ ତାରିଖ ରବିବାର ଦିନ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ସହ କରିବେ ଭାବବିନିମୟ ।
- ଏକ ଅନିଶ୍ଚିତ ବିଶ୍ୱରେ ସ୍ଥିରତା ବଜାୟ ରଖିବା ଦିଗରେ ଭାରତ-ଜର୍ମାନୀ ସଶକ୍ତ ଭାଗିଦାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମତବ୍ୟକ୍ତ ।
- ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ଇଟାଲୀର ରୋମ୍ ଠାରେ ଆଜି ଆରମ୍ଭ ହୋଇଛି ପଞ୍ଚମ ପର୍ଯ୍ୟାୟ ଆଲୋଚନା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

## ପିଏମ୍ ନର୍ଥଇଷ୍ଟ ସମିଟ୍

ଦେଶର ଉତ୍ତର ପୂର୍ବାଞ୍ଚଳ ଅତୀତର ବିଭିନ୍ନ ଆହ୍ୱାନକୁ ସଫଳତାର ସହ ମୁକାବିଲା କରି ବର୍ତ୍ତମାନ ସୁଯୋଗର ଏକ ନୂତନ ସ୍ଥାନ ରୂପେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଆୟୋଜିତ ଉତ୍ତର-ପୂର୍ବାଞ୍ଚଳ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହିସବୁ ଅଞ୍ଚଳରେ ଯୋଗାଯୋଗ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲାଗି ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରି ବିଭିନ୍ନ ଟନେଲ୍ ତଥା ସେତୁ ନିର୍ମାଣ କରିଛନ୍ତି ।

**V/O-PM-MODI-ON-LAND-OF-OPPORTUNITY**

ନିକଟରେ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ ଠାରେ ଅନୁଷ୍ଠିତ ଅଷ୍ଟଲକ୍ଷ୍ମୀ ମହୋତ୍ସବ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଉତ୍ତର-ପୂର୍ବାଞ୍ଚଳରେ ପୁଞ୍ଜିନିବେଶ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉତ୍ତର-ପୂର୍ବାଞ୍ଚଳର ପରିବେଶ ତଥା ସେଠାରେ ଥିବା ପର୍ଯ୍ୟଟନ ସମେତ

ଅନ୍ୟାନ୍ୟ କ୍ଷେତ୍ରର ସାମଗ୍ରୀକ ବିକାଶ କରି ବିକଶିତ ଭାରତ ଗଠନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ୧୧ ହଜାର କିଲୋମିଟର ଦୀର୍ଘ ରାଜପଥ ଓ ନୂତନ ରେଳଲାଇନ୍ ନିର୍ମାଣ କରାଯାଇଛି । ଏହାଛଡ଼ା ସମ୍ପୃକ୍ତ ଅଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନ ଲାଗି ସ୍ଥାୟୀ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୧୬୦୦ କିଲୋମିଟର ଦୀର୍ଘ ଉତ୍ତର-ପୂର୍ବାଞ୍ଚଳ ଗ୍ୟାସ୍ ଗ୍ରୀଡ୍ ମଧ୍ୟ ସ୍ଥାପନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଏହି ଅଞ୍ଚଳରେ ଭିତ୍ତିଭୂମି ଏବଂ ଯୋଗାଯୋଗ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ବିବିଧ ପଦକ୍ଷେପ ନେଇଛନ୍ତି । ବର୍ତ୍ତମାନ ଦେଶର ଉତ୍ତର-ପୂର୍ବାଞ୍ଚଳରେ ୧୭ଟି ବିମାନ ବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ୨ହଜାରରୁ ଊର୍ଦ୍ଧ୍ୱ ବିମାନ ଏହି ଅଞ୍ଚଳକୁ ଉଡ଼ାଣ କରୁଛି । ଆଗାମୀ ଦିନରେ ଉତ୍ତର-ପୂର୍ବାଞ୍ଚଳ ଦକ୍ଷିଣ-ପୂର୍ବ ଏସିଆର ଏକ ଆନ୍ତର୍ଜାତିକ କରିଡ଼ର ଭାବେ ବିବେଚିତ ହୋଇପାରିବ ବୋଲି ଶ୍ରୀ ସିନ୍ଧିଆ ଆଶାବ୍ୟକ୍ତ କରିଛନ୍ତି ।

**V/O-JYOTIRADITYA-CONNECTIVITY**

ଉତ୍ତର ପୂର୍ବାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଥିବା ସୁଯୋଗକୁ ବିଶ୍ୱସ୍ତରରେ ଉପସ୍ଥାପନ କରିବା ସହିତ ସେଠାରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ହେଉଛି ଏହି ଦୁଇଦିନିଆ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି

ସମ୍ମିଳନୀରେ ମୁଖ୍ୟତଃ – ପର୍ଯ୍ୟଟନ, ଆତିଥେୟତା, କୃଷି ଖାଦ୍ୟ ପ୍ରକ୍ରିୟାକରଣ ଏବଂ ତତ୍‌ସଂଲଗ୍ନ କ୍ଷେତ୍ର, ବୟନ ଶିଳ୍ପ, ହସ୍ତଶିଳ୍ପ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତାବିକାଶ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ତତ୍‌ସଂଲଗ୍ନ ବିଭିନ୍ନ ସେବା, ଭିତ୍ତିଭୂମି ଓ ଗମନାଗମନ, ଶକ୍ତି, ମନୋରଂଜନ ଓ କ୍ରୀଡ଼ା ଆଦି କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ଏଚ୍‌ଏମ୍-କ୍ରିମିନାଲ୍ ଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆନ୍ଧ୍ରପ୍ରଦେଶରେ ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନୂଆଦିଲ୍ଲୀ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରୁଛନ୍ତି । ଏହି ବୈଠକରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଉପସ୍ଥିତ ଅଛନ୍ତି ।

## ଆର୍‌ବିଆଇ

ଭାରତର ବୈଦେଶିକ ବିନିମୟ ସଞ୍ଚୟ ପରିମାଣ ଚଳିତ ମାସ ୧୬ ତାରିଖରେ ଶେଷ ହୋଇଥିବା ସପ୍ତାହ ଶେଷ ସୁଦ୍ଧା ୫ ଦଶମିକ୍ ୮/୮ ବିଲିୟନ୍ ଡଲାର୍ ହ୍ରାସ ପାଇଛି ।  ବର୍ତ୍ତମାନ ଏହି ପରିମାଣ ୬୮୫

ଦଶମିକ୍ ୭ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ସୂଚନା ଦିଆଯାଇଛି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୨୨ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଜୟଶଙ୍କର-ବର୍ଲିନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ବର୍ଲିନ୍‌ଠାରେ ଜର୍ମାନ୍ ଚାନ୍‌ସେଲର ଫ୍ରିଡ୍ରିକ୍ ମର୍ଜ୍‌ଙ୍କ ସହିତ ସାକ୍ଷାତ

ଆଲୋଚନା କରିଛନ୍ତି । ସନ୍ତ୍ରାସବାଦର ମୁକାବିଲା କରିବା ଦିଗରେ ଭାରତର ପଦକ୍ଷେପକୁ ଜର୍ମାନ୍ ପକ୍ଷରୁ ଦିଆଯାଇଥିବା ଦୃଢ଼ ସମର୍ଥନ ଲାଗି ଡକ୍ଟର ଜୟଶଙ୍କର ଏହାର ପ୍ରଶଂସା କରିଛନ୍ତି । ଏହି ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶୁଭେଚ୍ଛାବାର୍ତ୍ତା ଜର୍ମାନ ଚାନ୍‌ସେଲରଙ୍କୁ ଜ୍ଞାପନ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତ-ଜର୍ମାନ୍ ରଣନୈତିକ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ ତଥା ସଶକ୍ତ କରିବା ଦିଗରେ ଶ୍ରୀ ମର୍ଜଙ୍କ ସରକାରଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

ଏହାଛଡ଼ା ଡକ୍ଟର ଜୟଶଙ୍କର ଜର୍ମାନ୍ ଚାନ୍‌ସେଲରଙ୍କର ବୈଦେଶିକ ଏବଂ ନିରାପତ୍ତା ନୀତି ପରାମର୍ଶଦାତା ଡକ୍ଟର ଗୁଣ୍ଟର ସଟର୍‌ଙ୍କ ସହିତ ସନ୍ତ୍ରାସବାଦ ବିପକ୍ଷ ସଂଗ୍ରାମ ସମେତ ବିଭିନ୍ନ ବିଶ୍ୱସ୍ତରୀୟ ସମସ୍ୟା ଉପରେ ମତବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏକ ଅନିଶ୍ଚିତ ବିଶ୍ୱରେ ସ୍ଥିରତା ବଜାୟ ରଖିବା ଦିଗରେ ଭାରତ-ଜର୍ମାନୀ ସଶକ୍ତ ଭାଗିଦାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିଭଳି ବିଭିନ୍ନ କ୍ଷେତ୍ରରେ ସ୍ଥାୟୀତ୍ୱ ଓ ବିଶ୍ୱାସ ବଜାୟ ରଖିବା ଦିଗରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସମ୍ମତି ପ୍ରଦାନ କରିଛନ୍ତି ।

ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଥିବା ଭାଗିଦାରୀକୁ ଅଧିକ ଦୃଢ଼ିଭୂତ କରିବା ସହିତ ମିଳିତ ଭାବେ ଏକ ସଶକ୍ତ ତଥା ସ୍ଥାୟୀ ଯୋଗାଣ ଶୃଙ୍ଖଳ ନିର୍ମାଣ କରିବା ଦିଗରେ ଡକ୍ଟର ଜୟଶଙ୍କର ତାଙ୍କର ଜର୍ମାନ ପ୍ରତିପକ୍ଷଙ୍କ ସହିତ ଆଲୋଚନା କରିଥିବା ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ୟୁଏସ୍ ଇରାନ୍ ଟକ୍ସ

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ଆଜି ଇଟାଲୀର ରୋମ୍ ଠାରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇଛି । ଇରାନ୍ ପକ୍ଷରୁ ଜାରି ରହିଥିବା ଆଣବିକ କାର୍ଯ୍ୟକ୍ରମକୁ ବନ୍ଦ କରିବା ଏବଂ ତେହେରାନ୍ ଉପରେ ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ଅର୍ଥନୈତିକ ବାସନ୍ଦକୁ ଉଚ୍ଛେଦ କରିବା ଉପରେ ମୁଖ୍ୟତଃ ଏହି ଆଲୋଚନା କରାଯାଉଛି । ଓମାନର ବୈଦେଶିକ ମନ୍ତ୍ରୀ ମଦର୍ ଅଲ୍-ବୁସାଇଦି ଏହି ଆଲୋଚନାରେ ମଧ୍ୟସ୍ଥତା କରୁଛନ୍ତି । ଓମାନ୍‌ର ମସ୍କାଟ୍ ଠାରେ ଶେଷ ପର୍ଯ୍ୟାୟ ଆଲୋଚନା ସମୟରେ ତେହେରାନର ୟୁରାନିୟମ୍ ସମ୍ପର୍କୀତ କାର୍ଯ୍ୟକ୍ରମକୁ ନେଇ ମତଭେଦ ଦେଖାଦେଇଥିଲା ।

# ଏପି-ଆକ୍ସିଡେଣ୍ଟ

ଆନ୍ଧ୍ରପ୍ରଦେଶର ପ୍ରକାଶସମ୍ ଜିଲ୍ଲା ଅନ୍ତର୍ଗତ ୫୪୪ ଏଫ୍. ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଥାର୍ଟିଚେର୍ଲା ମୋଟୁ ସେଣ୍ଟର ଠାରେ ଟ୍ରକ୍ ସହିତ ଏକ କାର୍‌ର ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ଗିଦାଲୁର୍ ସରକାରୀ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ମୃତକମାନେ ବାପାତଲା ମଣ୍ଡଳ ଅଧିନସ୍ଥ ଷ୍ଟୁଆର୍ଟ୍‌ପୁରମ୍‌ର ବୋଲି ଜଣାପଡ଼ିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୩୩ ରନ୍‌ରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି ।

ପଏଣ୍ଟ ଟେବୁଲରେ ଗୁଜୁରାଟ ଟାଇଟନ୍ସ ୧୮ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ ୧୭ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।

## ମାଲେସିଆ ମାର୍ଷ୍ଟସ୍ ବ୍ୟାଡ୍‌ମିଣ୍ଟନ୍

ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତର କିଦାମ୍ବୀ ଶ୍ରୀକାନ୍ତ ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ଆଜି ଅନୁଷ୍ଠିତ କ୍ୱାର୍ଟର୍ ଫାଇନାଲ୍‌ରେ ଶ୍ରୀକାନ୍ତ ଫ୍ରାନ୍ସର ତୋମା ଜୁନିୟର୍ ପୋପଭ୍‌ଙ୍କୁ ପରାସ୍ତ କରିଛନ୍ତି । ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରୀକାନ୍ତ ଏକମାତ୍ର ଭାରତୀୟ ଖେଳାଳି ଭାବେ ନିଜର ବିଜୟ ଅଭିଯାନ ଜାରି ରଖିଛନ୍ତି । ପୂର୍ବରୁ ଭାରତର ମିକ୍ସଡ୍ ଡବଲ୍ସ ଯୋଡ଼ି ତାନିଶା କ୍ରାଷ୍ଟୋ ଓ ଧ୍ରୁବ୍ କପିଲା ଚୀନ୍‌ର ଓ୍ୱି ୟାକ୍‌ଜିନ୍ ଏବଂ ଜିଆଙ୍ଗ୍ ଝେନ୍‌ବାଙ୍ଗ୍ ଯୋଡ଼ି ନିକଟରୁ ୨୪-୨୨, ୨୧-୧୩ ସେଟ୍‌ରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି ।

# ଆଇଏମ୍‌ଡି ୱେଦର୍

ଆଗାମୀ ୨ରୁ ତିନି ଦିନ ମଧ୍ୟରେ କେରଳରେ ମୌସୁମୀ ପ୍ରବେଶ କରିବା ନେଇ ଅନୁକୂଳ ପରିବେଶ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରେ ମୌସୁମୀ କ୍ରମଶଃ ଦେଶର ଅନ୍ୟ ସ୍ଥାନକୁ ଅଗ୍ରସର ହେବ ବୋଲି ଜଣାପଡ଼ିଛି । ଅନ୍ୟ ପକ୍ଷରେ ଆରବସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଦକ୍ଷିଣ କଙ୍କଣ, କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, ମଧ୍ୟ ମହାରାଷ୍ଟ୍ର ଓ ଗୋଆରେ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ବୋଲି ଆକାଶବାଣୀକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ବିଭାଗର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଆର୍.କେ. ଜେନାମଣି କହିଛନ୍ତି ।

**V/O-JENA-MANI**